ଓଡ଼ିଶା ସରକାର

ବନାମ

ମେସର୍ସ ଆଶୋକ ପରିବହନ ସଂସ୍ଥା ଏବଂ ଅନ୍ୟମାନେ

ନଭେମ୍ବର 5, 2004

[ଆର୍.ସି. ଲହୋଟି, ମୁଖ୍ୟ ନ୍ୟାୟାଧୀଶ, ଜି.ପି. ମାଥୁର ଏବଂ

ପି.କେ. ବାଲାସୁବ୍ରମନ୍ୟନ, ନ୍ୟାୟମୂର୍ତ୍ତି ଦ୍ୱୟ]

*ଦେୱାନୀ ପ୍ରକ୍ରିୟା ସଂହିତା, 1908; ଓ.IX ନିୟମ 9 ; ଓ.XXII ନିୟମ 10; ଧାରା 115 ଏବଂ 146/କମ୍ପାନୀ ଅଧିନିୟମ, 1956; ଧାରା 396:*

*ଏକ ସରକାରୀ କମ୍ପାନୀ ବିରୁଦ୍ଧରେ ଜଣେ ଦାବିଦାର/ଋଣଦାତାଙ୍କ ଦ୍ୱାରା ଦାଖଲ ହୋଇଥିବା ଅସୁଲୀ ମକଦ୍ଦମା- ବିଚାର କରୁଥିବା ନ୍ୟାୟାଳୟଙ୍କ ଦ୍ୱାରା ଖାରଜ ହୋଇଥଲା - ମକଦ୍ଦମାର ପୁନଃପ୍ରତିଷ୍ଠା ପାଇଁ ଆବେଦନ- ଋଣଦାତାମାନଙ୍କୁ କମ୍ପାନୀ ବିରୁଦ୍ଧରେ ସେମାନଙ୍କର ଦାବିଗୁଡିକୁ କାର୍ଯ୍ୟକାରୀ କରିବାକୁ ଅନୁମତି ଦେଇ, କମ୍ପାନୀକୁ ରାଜ୍ୟ-ନିଗମ ସହ ଏକତ୍ରୀକରଣ କରି କେନ୍ଦ୍ର ସରକାରଙ୍କ ଦ୍ୱାରା ମିଶ୍ରଣ ଆଦେଶ ଜାରି -ମକଦ୍ଦମା ପୁନଃପ୍ରତିଷ୍ଠା କରାଯାଇଥିଲା ଏବଂ ଏକତରଫା ଫଇସଲା ହୋଇଥିଲା – ଦେଣାଦାରଙ୍କ ଦ୍ୱାରା ଆଦେଶ ଅନୁପାଳନ ନଥିଲା - କାର୍ଯ୍ୟକାରୀ ନ୍ୟାୟାଳୟ, ନିଗମ ଏବଂ ରାଜ୍ୟ ସରକାରଙ୍କ ବିରୋଧରେ ଡିକ୍ରି ଜାରିଯୋଗ୍ୟ ବୋଲି ଦର୍ଶାଇଥିଲେ- ଆପତ୍ତି ହୋଇଥିଲା - ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଖାରଜ ହୋଇଥିଲା –ଆବେଦନ ଉପରେ- ନିର୍ଣ୍ଣୟ: ଯେହେତୁ ଦେଣାଦାରମାନେ ମକଦ୍ଦମାରେ ନିଜକୁ ପକ୍ଷଭୁକ୍ତ କରି ଡିକ୍ରିର କାର୍ଯ୍ୟକାରିତା ବିରୋଧରେ ପ୍ରତିପକ୍ଷ ମକଦ୍ଦମା ଚଳାଇ ନାହାଁନ୍ତି, ତେଣୁ ଡିକ୍ରି କାର୍ଯ୍ୟକାରିତାକୁ ଆପତ୍ତି କରିବା, ସେମାନଙ୍କ ପାଇଁ ସମ୍ଭବ ନୁହଁ - ଯେହେତୁ ସମସ୍ତ ପକ୍ଷ ମକଦ୍ଦମାର ବିଚାର ପୂର୍ବରୁ ପକ୍ଷଭୁକ୍ତ ନଥିଲେ, ଏକତରଫା ଡିକ୍ରି ରଦ୍ଦ କରାଯାଇଛି ଏବଂ ମକଦ୍ଦମା ପୁନର୍ଜୀବିତ ହୋଇଛି ଏବଂ ଆଇନ ଅନୁଯାୟୀ ବିଚାର କରୁଥିବା ନ୍ୟାୟାଳୟକୁ ନୂତନ ଫଇସଲା ପାଇଁ ପଠାଯାଇଛି- ଓଡ଼ିଶା ଖଣି ନିଗମ ସୀମିତ(ମିଶ୍ରଣ) ଆଦେଶ 1991; ଖଣ୍ଡ 7 ଏବଂ 12- ଭାରତର ସମ୍ବିଧାନ, 1950- ଅନୁଚ୍ଛେଦ 213(1)*

**ଉତ୍ତରଦାତା, ଏକ ପରିବହନ ସଂସ୍ଥା (ଋଣଦାତା) ଏକ ସରକାରୀ କମ୍ପାନୀ ବିରୋଧରେ ଅସୁଲୀ ମକଦ୍ଦମା ଦାୟର କରିଥିଲେ । ବିଚାର କରୁଥିବା ନ୍ୟାୟାଳୟ ଅନୁପସ୍ଥିତି ପାଇଁ ଏହି ମକଦ୍ଦମାକୁ ଖାରଜ କରିଦେଇଥିଲେ । ଉତ୍ତରଦାତା ମକଦ୍ଦମାର ପୁନଃପ୍ରତିଷ୍ଠା ପାଇଁ ଏକ ଆବେଦନ ଦାଖଲ କରିଥିଲେ, ଯାହା ନ୍ୟାୟାଳୟଙ୍କ ଦ୍ୱାରା ଶୁଣାଣି ହୋଇଥିଲା, କିନ୍ତୁ ଆଦେଶ ଘୋଷଣା କରାଯାଇ ନଥିଲା । ଇତି ମଧ୍ୟରେ, ଭାରତ ସରକାର, ସରକାରୀ କମ୍ପାନୀକୁ ଓଡ଼ିଶା ଖଣି ନିଗମ ଲିମିଟେଡ୍,ଏକ ଓଡ଼ିଶା ସରକାରଙ୍କ କମ୍ପାନୀ ସହିତ ଏକତ୍ରୀକରଣ କରି ଏକ ମିଶ୍ରଣ ଆଦେଶ ଜାରି କରିଥିଲେ । ଆଦେଶ ଅନୁଯାୟୀ, ସରକାରୀ କମ୍ପାନୀର ଅଧିକାର ଏବଂ ଦାୟିତ୍ୱ ମଧ୍ୟ ନିଗମର ଅଧିକାରରେ ନିଆଯାଇଥିଲା ଏବଂ ଦାବିଦାରମାନଙ୍କୁ ସେମାନଙ୍କ ମକଦ୍ଦମାଗୁଡିକର ଅଭିଯୋଜନ ଜାରି ରଖିବା ପାଇଁ ସ୍ୱାଧୀନତା ଦିଆଯାଇଥିଲା । ପରେ, ଓଡ଼ିଶା ସରକାର ସମ୍ବିଧାନର ଅନୁଚ୍ଛେଦ 213(1) ଅନୁଯାୟୀ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି କମ୍ପାନୀକୁ ସ୍ଥାନାନ୍ତର କରିଥିଲେ ଏବଂ ନିଜ ଅଧୀନକୁ ନେଇଥିଲେ ଏବଂ ପରେ ଏହାକୁ ଟାଟା ଲୌହ ଏବଂ ଇସ୍ପାତ କମ୍ପାନୀକୁ ବିକ୍ରି କରିଥିଲେ ।**

ନ୍ୟାୟାଳୟ ଏହି ମକଦ୍ଦମାକୁ ପୁନଃସ୍ଥାପିତ କରିଥିଲେ ଏବଂ ଏକପାଖିଆ ଡିକ୍ରି କରିଥିଲେ । ଏହି ଡିକ୍ରିର ଅନୁପାଳନ ହୋଇନଥିବାରୁ, ଉତ୍ତରଦାତା ଦେଣାଦାର ଅର୍ଥାତ କମ୍ପାନୀ, ନିଗମ ଏବଂ ରାଜ୍ୟ ସରକାରଙ୍କ ବିରୋଧରେ ଏକ ନିଷ୍ପାଦନ ଆବେଦନ ଦାଖଲ କରିଥିଲେ । କାର୍ଯ୍ୟକାରୀ ନ୍ୟାୟାଳୟ ଦର୍ଶାଇଥିଲେ ଯେ ନିଗମ ଏବଂ ରାଜ୍ୟ ସରକାରଙ୍କ ବିରୋଧରେ ଡିକ୍ରିଟି କରଣୀୟ ଥିଲା ଯେହେତୁ ସେମାନେ ଦେଣାଦାରଙ୍କ ଉତ୍ତରାଧିକାରୀ-ହିତଧାରକ ଥିଲେ । ବ୍ୟଥିତ ପକ୍ଷମାନଙ୍କ ଦ୍ୱାରା ଦାଖଲ ହୋଇଥିବା ପୁନରୀକ୍ଷଣ ଆବେଦନ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଖାରଜ ହୋଇଥିଲା । ତେଣୁ ବର୍ତ୍ତମାନର ଆବେଦନ । ଏହି ଆବେଦନଟି ସର୍ବୋଚ୍ଚ ନ୍ୟାୟାଳୟଙ୍କର ଏକ ଦୁଇଜଣିଆ ନ୍ୟାୟମୂର୍ତ୍ତିଙ୍କ ଖଣ୍ଡପୀଠ ଦ୍ୱାରା ଶୁଣାଣି ହୋଇଥିଲା । ମତରେ ପାର୍ଥକ୍ୟ ସୃଷ୍ଟି ହୋଇଥିଲା ଏବଂ ଏହି ମାମଲା ବର୍ତ୍ତମାନର ତିନି ଜଣିଆ ନ୍ୟାୟମୂର୍ତ୍ତିଙ୍କ ବିଚାରପୀଠକୁ ବିଚାରର୍ଥେ ପ୍ରେରଣ କରାଯାଇଥିଲା ।

ଆବେଦନକୁ ଅନୁମତି ଦେଇ ଏହି ନ୍ୟାୟାଳୟ

ଦର୍ଶାଇଥିଲେ: **1.1.** ନିଗମ ଏବଂ ପରବର୍ତ୍ତୀ ସମୟରେ ଓଡ଼ିଶା ରାଜ୍ୟକୁ ଏହି ମକଦ୍ଦମାରେ ନିଜକୁ ପକ୍ଷଭୁକ୍ତ କରିବା ଏବଂ ପ୍ରତିପକ୍ଷଙ୍କ ବିରୋଧରେ ପ୍ରତିବାଦୀଙ୍କ ଦ୍ୱାରା ବର୍ଣ୍ଣନା ପତ୍ରରେ ପୂର୍ବରୁ ଥିବା ପ୍ରତିବାଦ ସହ ଅସଙ୍ଗତ ନଥିବା ପ୍ରତିପକ୍ଷ ମକଦ୍ଦମା ଚଳାଇବା ଆବଶ୍ୟକ ଥିଲା । ନିଗମ କିମ୍ବା ଓଡ଼ିଶା ସରକାର ସେହି ପଦକ୍ଷେପ ନେଇନଥିଲେ । ଏପରି ପରିସ୍ଥିତିରେ, ସାଧାରଣତଃ, ନିଗମ କିମ୍ବା ଓଡ଼ିଶା ସରକାର ସେମାନଙ୍କ ବିରୁଦ୍ଧରେ ଡିକ୍ରୀର କାର୍ଯ୍ୟକାରିତାକୁ ଆପତ୍ତି କରିବାକୁ ମୁକ୍ତ ନୁହନ୍ତି ।

**1.2.** ମିଶ୍ରଣ ଆଦେଶର ଖଣ୍ଡ **12** ଅନୁସାରେ, ପ୍ରତିବାଦୀ-କମ୍ପାନୀକୁ ବିଘଟନ କରାଯାଇଥିଲା ଏବଂ ଏହା କୁହାଯାଇଥିଲା ଯେ କୌଣସି ବ୍ୟକ୍ତି ବିଘଟିତ କମ୍ପାନୀ ବିରୋଧରେ କୌଣସି ଦୃଢୋକ୍ତି କିମ୍ବା ଦାବି କିମ୍ବା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ନାହିଁ, କିନ୍ତୁ ଆଦେଶ ଅନୁଯାୟୀ ଆବେଦନକାରୀ ଏବଂ ଅନ୍ୟ ଋଣଦାତାଙ୍କ ଭଳି ଦାବିଦାରମାନଙ୍କୁ ବିଘଟିତ କମ୍ପାନୀ ବିରୋଧରେ ସେମାନଙ୍କର ଦାବି କାର୍ଯ୍ୟକାରୀ କରିବା ପାଇଁ ସେମାନଙ୍କ ଅଧିକାରରୁ ବଞ୍ଚିତ କରାଯାଇନଥିଲା । ଆଦେଶର ଖଣ୍ଡ **7** ଅନୁଯାୟୀ ନିଗମ ବିରୋଧରେ ମକଦ୍ଦମା ଚଳାଇବାକୁ ଆବେଦନକାରୀଙ୍କୁ ଅଧିକାର ଦିଆଯାଇଥିଲା ଏବଂ ନିଗମଙ୍କୁ ମକଦ୍ଦମାରେ ପକ୍ଷଭୁକ୍ତ କରେଇବା ଏବଂ ଏହା ସହ ଅଗ୍ରସର ହେବ ପାଇଁ ଆବେଦନକାରୀଙ୍କୁ ଏକ ଦାୟିତ୍ୱ ମଧ୍ୟ ଦିଆଯାଇଥିଲା ।

**1.3.** ମିଶ୍ରଣ ଆଦେଶର ସର୍ତ୍ତାବଳୀ ଅନୁଯାୟୀ, ଦାବିଦାରଙ୍କୁ ନିଗମ ବିରୋଧରେ ଉପଯୁକ୍ତ ପଦକ୍ଷେପ ନେଇ ବିଚାରାଧୀନ ଆବେଦନର ପୁନପ୍ରତିଷ୍ଠା ଏବଂ ମକଦ୍ଦମା ଚଳାଇବା ପାଇଁ ଅଧିକାର ଥିଲା । ନ୍ୟାୟାଳୟଙ୍କ ସମ୍ମୁଖରେ ଜାରି ରହିଥିବା କାର୍ଯ୍ୟାନୁଷ୍ଠାନରେ ଉପଯୁକ୍ତ ଆଦେଶ ପାରିତ କରିବାକୁ ସମର୍ଥ କରିବା ପାଇଁ, ମିଶ୍ରଣ ଆଦେଶର ପ୍ରଖ୍ୟାପନର ତଥ୍ୟ ନ୍ୟାୟାଳୟଙ୍କ ଦୃଷ୍ଟିକୁ ଆଣିବା କମ୍ପାନୀର ସାଧାରଣ କର୍ତ୍ତବ୍ୟ ଥିଲା । ତଥାପି, ଦାବିଦାର ପ୍ରାସଙ୍ଗିକ ସମୟରେ ଆବଶ୍ୟକ ପଦକ୍ଷେପ ନନେବାର ଏହା କେବଳ ଗୋଟିଏ କାରଣ ହୋଇପାରେ । ତଥାପି, ଆଦେଶକୁ ଦୃଷ୍ଟିରେ ରଖି, ମକଦ୍ଦମାର ବିଚାର କରିବା ପୂର୍ବରୁ ଏବଂ ଏହା ସପକ୍ଷରେ ଫଇସଲା କରିବା ପୂର୍ବରୁ ନିଗମ ଏବଂ ରାଜ୍ୟ ସରକାରଙ୍କୁ ନଥିଭୁକ୍ତ କରିବା ଦାବିଦାରଙ୍କ ପାଇଁ ଆବଶ୍ୟକ ଥିଲା । ଆଦେଶର ସର୍ତ୍ତାବଳୀଗୁଡ଼ିକ, କାର୍ଯ୍ୟକାରୀ ନ୍ୟାୟାଳୟ ଏବଂ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା

ସଠିକ୍ ଭାବରେ ତର୍ଜମା କରାଯାଇ ନାହିଁ ଯେତେବେଳେ ସେମାନେ ଦାବିଦାରଙ୍କୁ ଡିକ୍ରି   କାର୍ଯ୍ୟକାରୀ କରିବାକୁ ଅନୁମତି ଦେଇଥିଲେ ।

**1.4.** **ମାମଲାର ତଥ୍ୟ ଏବଂ ପରିସ୍ଥିତିରେ, ବିଶେଷ କରି ଆଦେଶଗୁଡ଼ିକର ପ୍ରାସଙ୍ଗିକ ଖଣ୍ଡକୁ ଦୃଷ୍ଟିରେ ରଖି ଏହି ଆବେଦନରେ ଆକ୍ଷେପିତ ଆଦେଶକୁ ରଦ୍ଦ କରି ଏବଂ ଏକ-ପକ୍ଷୀୟ  ଫଇସଲାକୁ ରଦ୍ଦ କରି ଏବଂ ମକଦ୍ଦମାକୁ ପୁନର୍ଜୀବିତ କରି ଏବଂ ବିଚାର କରୁଥିବା ନ୍ୟାୟାଳୟଙ୍କୁ ନିର୍ଦ୍ଦେଶ ଦେଇ, ଯେହେତୁ ରାଜ୍ୟ ପରବର୍ତ୍ତୀ ସମୟରେ ଟିସ୍କୋକୁ ସମ୍ପତ୍ତି ବିକ୍ରି କରିଥିଲା, ନିଗମ, ଓଡ଼ିଶା ସରକାର ଏବଂ ଟିସ୍କୋକୁ ପକ୍ଷଭୁକ୍ତ କରିବା ପରେ ଆଇନ ଅନୁଯାୟୀ ଏହାକୁ ନୂତନ ଭାବରେ ସମାଧାନ କରିବାକୁ ନିର୍ଦ୍ଦେଶ ଦେଇ, ଏବଂ ନୂତନଭାବେ ଜଡ଼ିତ ପ୍ରତିବାଦୀମାନଙ୍କୁ ପ୍ରତିବାଦୀଙ୍କ ଦ୍ୱାରା ପୂର୍ବରୁ ଦାଖଲ ହୋଇଥିବା ବର୍ଣ୍ଣନା ପତ୍ର ସହିତ ଅସଙ୍ଗତ ନଥିବା ସେମାନଙ୍କର ବର୍ଣ୍ଣନା ପତ୍ରଗୁଡ଼ିକ ଦାଖଲ କରିବାକୁ ଏକ ସୁଯୋଗ ଦେବାପରେ, ନ୍ୟାୟର ହିତରେ ପାରିତ ହେବାକୁ ଥିବା ଉପଯୁକ୍ତ ଆଦେଶ ହେଉଛି ପ୍ରତିପକ୍ଷ ମକଦ୍ଦମା ଚଳାଇବାକୁ ଏକ ସୁଯୋଗ ଦେବା ପାଇଁ ଆବେଦନକାରୀଙ୍କୁ ଆବେଦନରେ ସମ୍ମିଳିତ କରିବା ଏବଂ ତା ପରେ ନ୍ୟାୟାଳୟ ଆଇନ ଅନୁଯାୟୀ ମକଦ୍ଦମାର ବିଚାର ଏବଂ ଫଇସଲା କରିବାକୁ ଅଗ୍ରସର ହୋଇପାରିବେ । ତେଣୁ  ଆବେଦନକାରୀଙ୍କ ଦ୍ୱାରା ଉଠାଯାଇଥିବା ଆପତ୍ତି ଉପରେ କାର୍ଯ୍ୟକାରୀ ନ୍ୟାୟାଳୟ ଏବଂ ଉଚ୍ଚ ନ୍ୟାୟାଳୟଙ୍କର ଆଦେଶକୁ ରଦ୍ଦ କରିଦିଆଯାଉଛି । ନ୍ୟାୟର ହିତ ପାଇଁ, ଅର୍ଥ ମକଦ୍ଦମାରେ ଏକ-ପକ୍ଷୀୟ ଫଇସଲାକୁ ରଦ୍ଦ କରିଦିଆଯାଉଛି ଏବଂ ଏକ ନୂତନ ବିଚାର ଏବଂ ଫଇସଲା ପାଇଁ ମକଦ୍ଦମା ବିଚାର କରୁଥିବା ନ୍ୟାୟାଳୟକୁ ପଠାଇଦିଆଯାଉଛି ।**

ଦେୱାନୀ ଅପିଲ ଅଧିକାରିତା : ଦେୱାନୀ ଆବେଦନ ସଂଖ୍ୟା 3209/2002

ଜି.ଆର୍. ସଂଖ୍ୟା 117/1998 ରେ ଓଡିଶା  ଉଚ୍ଚ ନ୍ୟାୟଳୟର ତା19.7.2002 ରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ ତରଫରୁ ଅଲତାଫ ଅହମ୍ମଦ ଏବଂ ତାଙ୍କ ସହିତ ସୁଶ୍ରୀ କୀର୍ତ୍ତି ମିଶ୍ର ।

ପ୍ରତିବାଦୀମାନଙ୍କ ପାଇଁ ସୁଭାଷ ଶର୍ମା, ଅନୁକୁଳ ଚନ୍ଦ୍ର ପ୍ରଧାନ ଏବଂ ଶିବ ସାଗର ତିୱାରୀ ।

ନ୍ୟାୟାଳୟ ରାୟ ପ୍ରଦାନ କରିଥିଲେ ।

**ପି.କେ.ବାଲାସୁବ୍ରମନ୍ୟନ, ନ୍ୟାୟମୂର୍ତ୍ତି** ମେସର୍ସ ଅଶୋକ ପରିବହନ ସଂସ୍ଥା, ଉତ୍ତରଦାତା ସଂଖ୍ୟା  1 ଏଠାରେ [ଏହା ପରେ 'ବାଦୀ' ଭାବରେ  ଉଲ୍ଲେଖ କରାଯାଇଥିଲା], ସୁଧ ସହିତ 3,90,210/-  ଟଙ୍କା ଆଦାୟ ପାଇଁ ମେସର୍ସ ଓ.ଏମ୍.ସି. ଆଲୟସ୍ ଲିମିଟେଡ୍, ଏକ ସରକାରୀ କମ୍ପାନୀଙ୍କ,  [ଏହା ପରେ 'ପ୍ରତିବାଦୀ' ଭାବରେ ଉଲ୍ଲେଖ  କରାଯାଇଥିଲା] ବିରୁଦ୍ଧରେ ଏକ ମକଦ୍ଦମା ଦାଖଲ କରିଥିଲେ  । 1.8.1986 ରେ ଏହି ମକଦ୍ଦମା ଦାଖଲ କରାଯାଇଥିଲା । ପ୍ରତିବାଦୀ 14.10.1987 ରେ ଏକ ବର୍ଣ୍ଣନା ପତ୍ର ଦାଖଲ କରିଥିଲେ। 29.08.1990 ରେ, ଅଦାଲତରେ ଅନୁପସ୍ଥିତି ପାଇଁ ମକଦ୍ଦମା ଖାରଜ କରାଯାଇଥିଲା । 20.09.1990ରେ, ବାଦୀ ମକଦ୍ଦମାର  ପୁନଃପ୍ରତିଷ୍ଠା ପାଇଁ  ଦେୱାନୀ ପ୍ରକ୍ରିୟା ସଂହିତାର  ଆଦେଶ IX ନିୟମ 9 ଅନୁଯାୟୀ ଏକ ଆବେଦନ ଦାଖଲ କରିଥିଲେ । ତା 03.08.1991 ରିଖରେ, ବାସ୍ତବରେ ପ୍ରତିବାଦୀ ଏକ ସ୍ମାରକ ଉପସ୍ଥାପନ କରିଥିଲେ ଯେଉଁଥିରେ କୁହାଯାଇଥିଲା କି ସେ ମକଦ୍ଦମାର ପୁନଃପ୍ରତିଷ୍ଠାକୁ  ବିରୋଧ କରୁନଥିଲେ ।  ପୁନଃପ୍ରତିଷ୍ଠା ପାଇଁ ଆବେଦନକୁ

ଶୁଣାଯାଇଥିଲା ଏବଂ ଆଦେଶ ପାଇଁ ଏକ ନୂତନ ତାରିଖ 17.8.1991କୁ ରଖାଯାଇଥିଲା । ସେହି ତାରିଖରେ, ଆଦେଶ ଘୋଷଣା କରାଯାଇନଥିଲା ଏବଂ ଆଦେଶର ଘୋଷଣାକୁ 02.09.1991କୁ ମୁଲତବୀ ରଖାଯାଇଥିଲା ।

ଆଇନ, ନ୍ୟାୟ ଏବଂ କମ୍ପାନୀ ବ୍ୟାପାର ମନ୍ତ୍ରାଳୟ ଭାରତ ସରକାର, ତା30.08.1991ରିଖରେ କମ୍ପାନୀ ଅଧିନିୟମ, 1956 ର ଧାରା 396 ର ଉପ-ଧାରା (1) ଏବଂ (2) ଅନୁଯାୟୀ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ଏକ ଅଧିସୂଚନା S.O. 562 ( E) ଜାରି କରିଥିଲେ, ଯାହାକୁ ଓ.ଏମ୍.ସି. ଆଲୟସ୍ ଲିମିଟେଡ୍ ଏବଂ ଓଡ଼ିଶା ମାଇନିଂ ନିଗମ ଲିମିଟେଡ୍ (ମିଶ୍ରଣ) ଆଦେଶ 1991 କୁହାଗଲା । ଏହା କମ୍ପାନୀ ଅଧିନିୟମ ଅନ୍ତର୍ଭୁକ୍ତ ଏକ ଓଡ଼ିଶା ସରକାରଙ୍କ କମ୍ପାନୀ, ଓଡ଼ିଶା ଖଣି ନିଗମ ଲିମିଟେଡ୍ (ଏହା ପରେ 'ନିଗମ' ଭାବରେ ଜଣାଶୁଣା) ସହିତ ପ୍ରତିବାଦୀଙ୍କ ମିଶ୍ରଣ ପାଇଁ ଥିଲା । ଆଇନ ଅନୁଯାୟୀ ଖଣ୍ଡ 12 ଦ୍ୱାରା ଦୁଇଟି କମ୍ପାନୀର ମିଶ୍ରଣ ଏବଂ ପ୍ରତିବାଦୀଙ୍କ ସମସ୍ତ ଅଧିକାର ଏବଂ ସମ୍ପତ୍ତିର ସ୍ଥାନାନ୍ତର ଏବଂ ନିଗମରେ ଏହାକୁ ଅନ୍ତର୍ନିହିତ କରିବା ବ୍ୟତୀତ, ଏହା କମ୍ପାନୀର ବିଘଟନ ପାଇଁ ଥିଲା । ଖଣ୍ଡ 12ରେ କୁହାଯାଇଛି :

"12. ମେସର୍ସ ଓ.ଏମ୍.ସି. ଆଲୟସ୍ ଲିମିଟେଡ୍ ର ବିଘଟନ ଏହି ଆଦେଶର ଅନ୍ୟ ପ୍ରାବଧାନର ଅଧୀନ, ନିର୍ଦ୍ଧାରିତ ଦିନଠାରୁ, ମେସର୍ସ ଓ.ଏମ୍.ସି. ଆଲୟସ୍ ଲିମିଟେଡ୍ କୁ ବିଘଟନ କରିଦିଆଯାଇଥିଲା ଏବଂ କୌଣସି ବ୍ୟକ୍ତି ଏହି ଆଦେଶର ପ୍ରାବଧାନଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ଯେତେଦୂର ଆବଶ୍ୟକ ସେତିକି ବ୍ୟତିରେକ, ସେହି ବିଘଟିତ କମ୍ପାନୀ ବିରୁଦ୍ଧରେ କିମ୍ବା ନିର୍ଦ୍ଦେଶକ କିମ୍ବା ଅଧିକାରୀ ଭାବରେ ତାଙ୍କ କ୍ଷମତାରେ ଥିବା ଜଣେ ନିର୍ଦ୍ଦେଶକ କିମ୍ବା ଜଣେ ଅଧିକାରୀଙ୍କ ବିରୋଧରେ କୌଣସି ଦାବି କିମ୍ବା ହକ ଜମେଇବା/ଜୋର ଦେଇ କହିବା/ଦୃଢୋକ୍ତି କିମ୍ବା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ନାହିଁ ।"

ଏହାର ଖଣ୍ଡ 7 ରେ ଆଇନଗତ କାର୍ଯ୍ୟାନୁଷ୍ଠାନଗୁଡ଼ିକର ସୁରକ୍ଷା ପାଇଁ ବ୍ୟବସ୍ଥା କରାଯାଇଥିଲା । ସେଥିରେ ଲେଖା ହୋଇଛି :- "

7. ଆଇନଗତ କାର୍ଯ୍ୟାନୁଷ୍ଠାନ ରକ୍ଷାକାରୀ - ଯଦି ନିର୍ଦ୍ଧାରିତ ଦିନରେ, ବିଘଟିତ କମ୍ପାନୀ ବିରୁଦ୍ଧରେ କୌଣସି ମକଦ୍ଦମା, ଅଭିଯୋଜନ, ଆବେଦନ କିମ୍ବା ଅନ୍ୟାନ୍ୟ ଆଇନଗତ କାର୍ଯ୍ୟାନୁଷ୍ଠାନ କିମ୍ବା ଯେକୌଣସି ପ୍ରକୃତିର କାର୍ଯ୍ୟାନୁଷ୍ଠାନ ବିଚାରାଧୀନ ଥାଏ, ତେବେ ଏହା ସମାପ୍ତ କରାଯିବ ନାହିଁ କିମ୍ବା ବନ୍ଦ କରାଯିବ ନାହିଁ, କିମ୍ବା ବିଘଟିତ କମ୍ପାନୀର ଦାୟିତ୍ୱ ନୂଆ/ପରିଣାମୀ କମ୍ପାନୀକୁ ସ୍ଥାନାନ୍ତରଣ କାରଣ କିମ୍ବା ତାଙ୍କ ଆଦେଶରେ ଥିବା କିଛି ବି କାର୍ଯ୍ୟାନୁଷ୍ଠାନ ପାଇଁ କୌଣସି ପ୍ରକାରେ ପ୍ରତିକୂଳ ଭାବରେ ପ୍ରଭାବିତ ହେବ ନାହିଁ । କିନ୍ତୁ ଯଦି ଏହି ଆଦେଶ ଦିଆଯାଇ ନ ଥାନ୍ତା ତେବେ ସେହି ଉପାୟରେ ନୂଆ/ପରିଣାମୀ କମ୍ପାନୀ ବିରୁଦ୍ଧରେ ମକଦ୍ଦମା, ଅଭିଯୋଜନ, ଅପିଲ କିମ୍ବା ଅନ୍ୟାନ୍ୟ ଆଇନଗତ କାର୍ଯ୍ୟାନୁଷ୍ଠାନ ଜାରି ରହିପାରେ, ଏବଂ ସେ ପର୍ଯ୍ୟନ୍ତ ମକଦ୍ଦମା ଚଳା ଯାଇପାରିବ ଏବଂ ଲାଗୁ କରାଯାଇପାରିବ, ଯେଉଁ ଉପାୟରେ ବିଘଟିତ କମ୍ପାନୀ ବିରୁଦ୍ଧରେ ମକଦ୍ଦମା ଏବଂ କାର୍ଯ୍ୟାନୁଷ୍ଠାନ ଜାରି ରଖାଯାଇ ପାରିଥାଆନ୍ତା ।"

ସଂଜ୍ଞା ଅନୁଯାୟୀ, ପରିଣାମୀ କମ୍ପାନୀ ହେଉଛି ନିଗମ ।

ତେଣୁ, କମ୍ପାନୀ ଅଧିନିୟମର ଧାରା 396 ଅନୁଯାୟୀ ଜାରି ହୋଇଥିବା ଉପରୋକ୍ତ ଆଦେଶ ଅନୁଯାୟୀ, ପ୍ରତିବାଦୀଙ୍କ ଅଧିକାର ଏବଂ ଦାୟିତ୍ୱ ନିଗମଙ୍କ ଅଧିକାରରେ ନିଆଯାଇଥିଲା ଏବଂ ବାଦୀଙ୍କ ପରି ଦାବିଦାରମାନଙ୍କୁ ନିଗମ ବିରୁଦ୍ଧରେ ସେମାନଙ୍କ ମକଦ୍ଦମାର ଅଭିଯୋଜନ ଜାରି ରଖିବା ପାଇଁ ସ୍ୱାଧୀନତା ଦିଆଯାଇଥିଲା ।

ଏହା ଦେଖାଯାଏ ଯେ ଅଧିବକ୍ତାଙ୍କ ଦ୍ୱାରା ପ୍ରତିନିଧିତ୍ୱ ହୋଇଥିବା ଏବଂ ମକଦ୍ଦମାରେ ଏକ ବର୍ଣ୍ଣନା ପତ୍ର ଦାଖଲ କରିଥିବା ପ୍ରତିବାଦୀ ଏହା ନ୍ୟାୟାଳୟଙ୍କ ଦୃଷ୍ଟିକୁ ଆଣିନଥିଲେ ଯେ ପ୍ରତିବାଦୀ ନିଗମ ସହିତ ମିଶ୍ରଣ ହୋଇଥିଲା, ଏହା ଭାଙ୍ଗି ଯାଇଥିଲା ଏବଂ ମକଦ୍ଦମା ସହିତ ଆଗକୁ ବଢ଼ିବା ପୂର୍ବରୁ ନିଗମକୁ ପକ୍ଷଭୁକ୍ତ କରିବା ଆବଶ୍ୟକ ଥିଲା । ବାଦୀ ମଧ୍ୟ ଅଜ୍ଞତା କିମ୍ବା ଯତ୍ନହୀନ ହେତୁ ନିଗମକୁ ମକଦ୍ଦମାରେ ପ୍ରତିବାଦୀ ଭାବରେ ପକ୍ଷଭୁକ୍ତ କରିବାକୁ କୌଣସି ପଦକ୍ଷେପ ନେଇନଥିଲେ ।

02.09.1991 ରେ, କେବଳ କେତେଗୁଡିଏ ପ୍ରତିବାଦୀଙ୍କୁ ନେଇ, ମକଦ୍ଦମାର ପୁନଃପ୍ରତିଷ୍ଠା ପାଇଁ ଆବେଦନକୁ ଅନୁମତି ଦିଆଯାଇଥିଲା, ମକଦ୍ଦମା ପୁନଃପ୍ରତିଷ୍ଠା କରାଯାଇଥିଲା ଏବଂ 31.10.1991 କୁ ମୁଲତବୀ ରଖାଯାଇଥିଲା । ଇତି ମଧ୍ୟରେ, 24.09.1991ରେ, ଓଡ଼ିଶା ସରକାର ଭାରତୀୟ ସମ୍ବିଧାନର ଅନୁଚ୍ଛେଦ213 (1) ଅନୁଯାୟୀ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ଅଧ୍ୟାଦେଶ ସଂଖ୍ୟା 8/1991 ଜାରି କରିଥିଲେ ଏବଂ 24.09.1991ରେ ଏକ ଅଧିସୂଚନା ଜାରି କରିଥିଲେ ଯେଉଁଥି ପାଇଁ ମୂଳତଃ ଓ.ଏମ୍.ସି. ଆଲୟସ୍ ଲିମିଟେଡ୍ ନିଗମ ଭାବରେ ଜଣାଶୁଣା ଚାର୍ଜ କ୍ରୋମ୍ ଡିଭିଜନକୁ ସ୍ଥାନାନ୍ତର କରାଯାଇଥିଲା ଏବଂ ଓଡ଼ିଶା ସରକାରରେ ନିହିତ କରାଯାଇଥିଲା । 27.09.1991ରେ, ଓଡ଼ିଶା ସରକାର ଟାଟା ଲୌହ ଏବଂ ଇସ୍ପାତ କମ୍ପାନୀ (ଟିସ୍କୋ)କୁ ଯାହା ତାଙ୍କ ଅଧୀନରେ ନିହିତ ଥିଲା ତାହା ବିକ୍ରି କରିଥିଲେ । ଏହା ଦେଖାଯାଏ ଯେ ପ୍ରତିବାଦୀ ମକଦ୍ଦମାରେ ଆଗକୁ ଅଂଶ ଗ୍ରହଣ କରିନଥିଲେ କିମ୍ବା ଆଗ୍ରହ ପ୍ରକାଶ କରିନଥିଲେ ଏବଂ ଏହାର ଫଳସ୍ୱରୂପ ଅର୍ଥ ମକଦ୍ଦମା ସଂଖ୍ୟା 491/1986 କୁ 12.11.1991ରେ ଏକ ତରଫା ଡିକ୍ରି କରାଯାଇଥିଲା । ଡିକ୍ରିର ସମାଧାନ ପାଇଁ ବାଦୀଙ୍କ ଦାବିକୁ ପ୍ରତିବାଦୀ ସ୍ୱୀକାର କରିନଥିଲେ । ବାଦୀ ସରକାରୀ ଅଧିସୂଚନା ଏବଂ ପରବର୍ତ୍ତୀ ବିକାଶ ବିଷୟରେ ଜାଣିବାକୁ ପାଇଲେ ଏବଂ ଇସ୍ପାତ ଏବଂ ଖଣି ବିଭାଗର ସଚିବଙ୍କୁ ଏକ ନୋଟିସ୍ ଜାରି କରି ଡିକ୍ରି ଦେୟ ପ୍ରଦାନ କରିବାକୁ ଦାବି କରିଥିଲେ । ଡିକ୍ରି ଅନୁପାଳନ ହୋଇନଥିବାରୁ, ବାଦୀ 24.10.1994ରେ ଏକ ପ୍ରତିବାଦୀକୁ ଦେଣାଦାର ସଂଖ୍ୟା 1 ଭାବେ , ନିଗମକୁ ଦେଣାଦାର ସଂଖ୍ୟା 2 ଏବଂ ଓଡ଼ିଶା ରାଜ୍ୟ ସରକାରଙ୍କୁ ଦେଣାଦାର ସଂଖ୍ୟା 3 ଭାବରେ ପକ୍ଷଭୁକ୍ତ କରି ଏକ ନିଷ୍ପାଦନ ଆବେଦନ ଦାଖଲ କରିଥିଲେ । ଅନ୍ୟ ଶବ୍ଦରେ, ବାଦୀ, ଡିକ୍ରି ଧାରକ, ନା କେବଳ ପ୍ରତିବାଦୀ-ଦେଣାଦାର ବିରୁଦ୍ଧରେ, ବରଂ ବୈଧାନିକ ଅନ୍ତରଣଗ୍ରାହୀମାନଙ୍କ ବିରୁଦ୍ଧରେ ମଧ୍ୟ ଡିକ୍ରି କାର୍ଯ୍ୟକାରୀ କରିବାକୁ ଚାହୁଁଥିଲେ । ନିଗମ ଏହାର ବିରୁଦ୍ଧରେ ଡିକ୍ରି କାର୍ଯ୍ୟକାରୀତାକୁ ବିରୋଧ କରି ଏକ ଆପତ୍ତି ଦାଖଲ କରିଥିଲେ । ଓଡ଼ିଶା ସରକାର ମଧ୍ୟ ଏହି ଡିକ୍ରିର କାର୍ଯ୍ୟକାରିତା ବିରୋଧରେ ମଧ୍ୟ ଏକ ଆପତ୍ତି ଦାଖଲ କରିଥିଲେ । ଉଭୟ ଏହି ଆଭିମୁଖ୍ୟ ଗ୍ରହଣ କରିଥିଲେ ଯେ ଏହି ଡିକ୍ରିର ପକ୍ଷ ନ ଥିବାରୁ ସେମାନେ ଏହା ଦ୍ୱାରା ବାଧ୍ୟ ନୁହଁନ୍ତି । ତେଣୁ, ପ୍ରତିବାଦୀଙ୍କ ବିରୁଦ୍ଧରେ ବାଦୀଙ୍କ ଦ୍ୱାରା ପ୍ରାପ୍ତ ଡିକ୍ରି ନିଗମ ଏବଂ ଓଡ଼ିଶା ରାଜ୍ୟ ବିରୁଦ୍ଧରେ କାର୍ଯ୍ୟକାରୀ ହେବାକୁ ସକ୍ଷମ ଥିଲା କି ନାହିଁ ତାହାର କାର୍ଯ୍ୟକାରିତା ଉପରେ ପ୍ରଶ୍ନ ଉଠିଥିଲା । କାର୍ଯ୍ୟକାରୀ ନ୍ୟାୟାଳୟ ଦର୍ଶାଇଥିଲେ ଯେ ନିଗମ ଏବଂ ଓଡ଼ିଶା ରାଜ୍ୟ ବିରୁଦ୍ଧରେ ଏହି ଡିକ୍ରି କରଣୀୟ କାରଣ ଥିଲା କାରଣ ସେମାନେ ଦେଣାଦାରଙ୍କ ଉତ୍ତରାଧିକାରୀ-ହିତାଧିକାରୀ ଥିଲେ ଏବଂ ତେଣୁ ଡିକ୍ରି ଦ୍ୱାରା ଆବଦ୍ଧ । ତେଣୁ ସେମାନଙ୍କ ଆପତ୍ତି ନାକଚ କରାଯାଇଥିଲା । ନିଗମ ଏବଂ ଓଡ଼ିଶା ସରକାର ଦେୱାନୀ ପ୍ରକ୍ରିୟା ସଂହିତାର ଧାରା 115 ଅନୁଯାୟୀ ପୁନରୀକ୍ଷଣରେ

ଓଡ଼ିଶା ଉଚ୍ଚ ନ୍ୟାୟାଳୟ ସମ୍ମୁଖରେ କାର୍ଯ୍ୟକାରୀ ନ୍ୟାୟାଳୟର ଆଦେଶକୁ ଆପତ୍ତି କରିଥିଲେ । ଓଡ଼ିଶା ଉଚ୍ଚ ନ୍ୟାୟାଳୟ ପ୍ରାସଙ୍ଗିକ ଦିଗଗୁଡ଼ିକ ଉପରେ ବିଚାର କରିବା ପରେ ଏବଂ *ଓଡ଼ିଶା ରାଜ୍ୟ ବନାମ କ୍ଲକ୍ସର ଆଣ୍ଡ କମ୍ପାନୀ*, [1996] 8 SCC 377 ମାମଲାରେ ଏହି ନ୍ୟାୟାଳୟ ନିଷ୍ପତ୍ତି ଉପରେ ନିର୍ଭର କରି ଦର୍ଶାଇଥିଲେ ଯେ କାର୍ଯ୍ୟକାରୀ ନ୍ୟାୟାଳୟ ସଠିକ ଥିଲେ, କାରଣ ନିଗମ ଏବଂ ରାଜ୍ୟ ସରକାର, ପ୍ରତିବାଦୀ- ଦେଣାଦାରଙ୍କ ଏକମାତ୍ର ଉତ୍ତରାଧିକାରୀ-ହିତଧାରକ ଥିଲେ ଏବଂ ଡିକ୍ରୀକୁ ବ୍ୟର୍ଥ କିମ୍ବା ସେମାନଙ୍କ ବିରୋଧରେ ଅପ୍ରୟୋଗଯୋଗ୍ୟ ବୋଲି ଆପତ୍ତି କରିବା ସେମାନଙ୍କ ପାଇଁ ମୁକ୍ତ ନଥିଲା । ତେଣୁ ଏହାର ପୁନାରୀକ୍ଷଣଗୁଡ଼ିକୁ ଖାରଜ କରିଦିଆଯାଇଥିଲା । ଏହାର ପୁନରୀକ୍ଷଣର ଖାରଜ, ଦେୱାନୀ ପୁନରୀକ୍ଷଣ ସଂଖ୍ୟା 117/1998ରେ, ଓଡ଼ିଶା ସରକାରଙ୍କ ଦ୍ୱାରା ଏହି ଆବେଦନରେ ଆପତ୍ତି କରାଯାଇଛି ।

ଏହି ଆବେଦନଟିର ଶୁଣାଣି ଏହି ନ୍ୟାୟାଳୟର ଦୁଇଜଣ ବିଜ୍ଞ ନ୍ୟାୟମୂର୍ତ୍ତିଙ୍କ ଦ୍ୱାରା କରାଯାଇଥିଲା । ଜଣେ ବିଜ୍ଞ ନ୍ୟାୟାଧୀଶ ଏହି ଉପସଂହାର ପହଞ୍ଚିଥିଲେ ଯେ ଆବେଦନକାରୀଙ୍କ ବିରୋଧରେ ଡିକ୍ରି କାର୍ଯ୍ୟକାରୀ ହୋଇପାରିବ ନାହିଁ ଏବଂ ଆବେଦନକାରୀ ତାଙ୍କ ବିରୋଧରେ ଡିକ୍ରିର ଅନିଷ୍ପାଦିତାକୁ ସଫଳତାର ସହ ଆପତ୍ତି କରିବାକୁ ହକଦାର ଥିଲେ । ଅନ୍ୟ ବିଜ୍ଞ ନ୍ୟାୟାଧୀଶ ଏହି ମତ ଦେଇଥିଲେ ଯେ ଯଦିଓ ସେମାନେ ମକଦ୍ଦମାରେ ପକ୍ଷଭୁକ୍ତ ହୋଇନଥିଲେ ନିଗମ ଏବଂ ଓଡ଼ିଶା ସରକାରଙ୍କ ବିରୋଧରେ ଏହି ଡିକ୍ରି କାର୍ଯ୍ୟକାରୀ ହୋଇପାରିବ, କାରଣ ସେମାନେ ଦେଣାଦାରଙ୍କ ହିତାଧିକାରୀ - ଉତ୍ତରାଧିକାରୀ ଥିଲେ । ଏହା ଦେଖାଯାଇଛି ଯେ ଉଭୟ ବିଜ୍ଞ ନ୍ୟାୟମୂର୍ତ୍ତିଙ୍କ, ବିଚାର ମଧ୍ୟରେ ଆବଶ୍ୟକ ପାର୍ଥକ୍ୟ ଏହା ଥିଲା କି ମକଦ୍ଦମାରେ ବିଚାର କରିବା ଏବଂ ଡିକ୍ରି ପ୍ରାପ୍ତ କରିବା ପୂର୍ବରୁ ନିଗମ ଏବଂ ଓଡ଼ିଶା ରାଜ୍ୟକୁ ପକ୍ଷ ଭାବେ ନଥିରେ ଆଣିବା ପାଇଁ ପଦକ୍ଷେପ ନେବାର ଥିଲା କି, କି କଣ ଏହା ପ୍ରତିବାଦୀଙ୍କ ଉତ୍ତରଧିକାରୀ-ହିତଧାରକ ପାଇଁ ଥିଲା କି, ଯଦି ସେମାନେ ଏପରି ଚାହୁଁଥିଲେ ତେବେ ପ୍ରତିପକ୍ଷ ମକଦ୍ଦମା ଚଳାଇବା ପାଇଁ ସେମାନଙ୍କୁ ନଥିରେ ଆଣିବାର ଥିଲା । ସେ ଯାହା ବି ହେଉ , ଦୁଇ ବିଜ୍ଞ ନ୍ୟାୟାଧୀଶ ଏହିପରି ଭିନ୍ନ ଥିଲେ । ଏହାକୁ ଦୃଷ୍ଟିରେ ରଖି, ମହାମହିମ ତା 30.04.2004ର ଆଦେଶ ଦ୍ୱାରା ନିଷ୍ପତ୍ତି ପାଇଁ ଏହି ଆବେଦନକୁ ଏକ ବୃହତ ଖଣ୍ଡ ପୀଠକୁ ବିଚାରର୍ଥେ ପ୍ରେରଣ କରିଥିଲେ । ଏହିପରି ଭାବେ, ଏହି ଆବେଦନ ତିନି ଜଣିଆ ନ୍ୟାୟମୂର୍ତ୍ତିଙ୍କ ଏକ ବିଚାରପୀଠ ସମ୍ମୁଖକୁ ଆସିଛି ।

ସାଧାରଣତଃ, ଦେୱାନୀ ପ୍ରକ୍ରିୟା ସଂହିତାର ଆଦେଶ XXII ନିୟମ 10ର ଅନ୍ତର୍ଗତ ମାମଲାରେ ଯେଉଁଠାରେ ବିଚାରାଧୀନ ମକଦ୍ଦମାରେ ଜଣେ ନିଯୁକ୍ତିଗ୍ରାହୀ କିମ୍ବା ଉତ୍ତରାଧିକାରୀ-ହିତଧାରକ ଅଧିକାର ପାଇଥାନ୍ତି, ତାହା ସେହି ନିଯୁକ୍ତିଗ୍ରାହୀ କିମ୍ବା ହସ୍ତାଦରଗ୍ରାହୀ ରକର୍ଡରେ ଆସିବାକୁ ନିର୍ଭରେ କରେ ଯଦି ସେମାନେ ଏପରି ଚାହାନ୍ତି କିମ୍ବା ମକଦ୍ଦମାର ପ୍ରତିବାଦ ଚାହାନ୍ତି । ପ୍ରତିପକ୍ଷ ମକଦ୍ଦମା ସଠିକ ଭାବରେ ଚଳାଇବାକୁ ସମର୍ପଣକାରୀଙ୍କୁ ବିଶ୍ୱାସ କରିବାକୁ ଏହା ନିଯୁକ୍ତିଗ୍ରାହୀଙ୍କୁ ସମାନ ଭାବେ ମୁକ୍ତ ଅଟେ କିନ୍ତୁ ଏହି ପରିଣାମରେ ଯେ ସମର୍ପଣକାରୀଙ୍କ ବିରୁଦ୍ଧର ସମସ୍ତ ଡିକ୍ରି ତାଙ୍କ ଉପରେ କରଣୀୟ ହେବ ଏବଂ ତାଙ୍କ ନିମନ୍ତେ କାର୍ଯ୍ୟକାରୀ ହେବ । ସମାନ ଭାବରେ, ଦେୱାନୀ ପ୍ରକ୍ରିୟା ସଂହିତାର ଧାରା 146 ଅନୁଯାୟୀ, ପ୍ରତିବାଦୀ କିମ୍ବା ଦେଣାଦାର ଅଧୀନରେ ଦାବି କରୁଥିବା ଯେକୌଣସି ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ । ସେହିଭଳି, ପ୍ରତିବାଦୀ କିମ୍ବା ଦେଣାଦାର ଅଧୀନରେ ଦାବି କରୁଥିବା ଜଣେ ବ୍ୟକ୍ତି ଆବେଦନ ମାଧ୍ୟମରେ କିମ୍ବା ଅନ୍ୟଥା, ଉପଯୁକ୍ତ ଉପାୟରେ ପ୍ରତିବାଦୀଙ୍କ ବିରୋଧରେ ପାରିତ ହେବାକୁ ଥିବା ଡିକ୍ରି କିମ୍ବା ଆଦେଶକୁ ଆପତ୍ତି କରିବାକୁ ଚେଷ୍ଟା କରିପାରିବେ । କିନ୍ତୁ, ଏପରି ହସ୍ତାନ୍ତର କିମ୍ବା ସମର୍ପଣ ଆଣୁଥିବା କାନୁନ କିମ୍ବା ଆଦେଶରେ ସେହି

ସମ୍ବନ୍ଧରେ କୌଣସି ବିଶିଷ୍ଟ ପ୍ରାବଧାନର ଅନୁପସ୍ଥିତିରେ ଡିକ୍ରିକୁ ବ୍ୟର୍ଥ କିମ୍ବା ଅପ୍ରୟୋଗ୍ୟ ଭାବେ ଆପତ୍ତି କରିବା ଏହା ମୁକ୍ତ ହେବ ନାହିଁ । ଏହି ସାଧାରଣ ନୀତିଗୁଡିକ ଅନୁସରଣ କରି ଏହା ଯୁକ୍ତି କରିବା ସମ୍ଭବପର ଯେ ଏହା ନିଗମ ପାଇଁ ଏବଂ ପରବର୍ତ୍ତୀ ସମୟରେ ଓଡ଼ିଶା ରାଜ୍ୟ ପାଇଁ ଏହି ମକଦ୍ଦମାରେ ପକ୍ଷଭୁକ୍ତ ହେବା ଏବଂ ପ୍ରତିବାଦୀଙ୍କ ଦ୍ୱାରା ପୂର୍ବରୁ ଦାଖଲ ହୋଇଥିବା ତାଙ୍କର ବର୍ଣ୍ଣନା ପତ୍ରରେ ପ୍ରତିରକ୍ଷା ମକଦ୍ଦମା ସହିତ ଅସଙ୍ଗତ ନଥିବା ପ୍ରତିପକ୍ଷ ମକଦ୍ଦମା ଚଳେଇବାର ଥିଲା । ନିଗମ କିମ୍ବା ଓଡ଼ିଶା ସରକାର ସେହି ପଦକ୍ଷେପ ନେଇନଥିଲେ । ଏପରି ପରିସ୍ଥିତିରେ, ସାଧାରଣତଃ ଜଣେ ଏହି  ମତ ଦେବାକୁ ପ୍ରବୃତ୍ତ ହେବେ ଯେ ନିଗମ କିମ୍ବା ଓଡ଼ିଶା ସରକାରଙ୍କ ପାଇଁ ସେମାନଙ୍କ ବିରୁଦ୍ଧରେ ଡିକ୍ରୀର କାର୍ଯ୍ୟକାରିତାକୁ ଆପତ୍ତି କରିବା କରିବାକୁ  ମୁକ୍ତ ନୁହନ୍ତି । ଏହି ପରିପ୍ରେକ୍ଷୀରେ, ମିଶ୍ରଣ ଆଦେଶର ପ୍ରଭାବ ଉପରେ ବିଚାର କରିବାର ଆବଶ୍ୟକତା ରହିଛି ।

ଏଥିରେ କୌଣସି ବିବାଦ ନାହିଁ ଯେ ସମ୍ପୃକ୍ତ କମ୍ପାନୀଗୁଡ଼ିକ ସରକାରୀ କମ୍ପାନୀ ଥିଲେ ଏବଂ ତାହା ଅଧିନିୟମ 396 ଅନୁଯାୟୀ ଥିଲା, ଜାତିର ହିତରେ କମ୍ପାନୀଗୁଡ଼ିକର ମିଶ୍ରଣ ପାଇଁ କେନ୍ଦ୍ର ସରକାରଙ୍କ କ୍ଷମତା ଥିଲା । ସେହି କ୍ଷମତା ପ୍ରୟୋଗରେ, ପ୍ରତିବାଦୀ ଏବଂ ନିଗମର ମିଶ୍ରଣ ପାଇଁ 30.08.1991 ତାରିଖ ବିଶିଷ୍ଟ ଅଧିସୂଚନା S.O.562(E)ଜାରି କରାଯାଇଥିଲା । ଉକ୍ତ ଆଦେଶରେ, ଦୁଇଟି କମ୍ପାନୀର ମିଶ୍ରଣ ପାଇଁ ବ୍ୟବସ୍ଥା କରିବା ବ୍ୟତୀତ, ଖଣ୍ଡ 7 ଏବଂ 12 ରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ବ୍ୟବସ୍ଥା ମଧ୍ୟ କରାଯାଇଥିଲା । ଖଣ୍ଡ 12 ଅନୁଯାୟୀ, ପ୍ରତିବାଦୀଙ୍କ ବିଘଟନ କରାଯାଇଥିଲେ ଏବଂ ଏହା  ବ୍ୟବସ୍ଥିତ ହୋଇଥିଲା ଯେ   କୌଣସି  ବିଘଟିତ କମ୍ପାନୀ ବିରୋଧରେ କୌଣସି ବ୍ୟକ୍ତି  ଦାବି କିମ୍ବା  କାର୍ଯ୍ୟାନୁଷ୍ଠାନ  ଗ୍ରହଣ କରିବେ ନାହିଁ, କିନ୍ତୁ  ଆଦେଶ ଅନୁଯାୟୀ ବାଦୀମାନଙ୍କ ପରି ଅନ୍ୟ ଋଣଦାତାମାନେ ବିଘଟିତ କମ୍ପାନୀ ବିରୋଧରେ ସେମାନଙ୍କର ଦାବିଗୁଡ଼ିକର ବାଧ୍ୟକରଣର ବିଚାର ପାଇଁ ସେମାନଙ୍କ ଅଧିକାରରୁ ବଞ୍ଚିତ ହୋଇନଥିଲେ । ଖଣ୍ଡ 7, ଯାହା ଆମେ ଉପରେ ଉଦ୍ଧୃତ କରିଛୁ , ତାହା ପ୍ରଦାନ କରେ ଯେ  ବିଘଟିତ କମ୍ପାନୀ  ବିରୁଦ୍ଧରେ ବିଚାରାଧୀନ ଥିବା କୌଣସି ମକଦ୍ଦମା ,ଅଭିଯୋଜନ, ଅପିଲ କିମ୍ବା ଅନ୍ୟାନ୍ୟ ଆଇନଗତ କାର୍ଯ୍ୟାନୁଷ୍ଠାନ ସମାପ୍ତ ହେବ ନାହିଁ କିମ୍ବା ବନ୍ଦ ହେବ ନାହିଁ କିମ୍ବା  ବିଘଟିତ କମ୍ପାନୀ ଅଧୀନରେ ଥିବା ନୂଆ କମ୍ପାନୀ,ନିଗମକୁ ହସ୍ତାନ୍ତର କରିବା କାରଣରେ କିମ୍ବା ମିଶ୍ରଣ ଆଦେଶରେ ଥିବା କିଛି ବି କାର୍ଯ୍ୟାନୁଷ୍ଠାନ କୌଣସି ପ୍ରକାରେ ପ୍ରତିକୂଳ ଭାବରେ ପ୍ରଭାବିତ ହେବ ନାହିଁ  । କିନ୍ତୁ ଏହା ସ୍ୱତନ୍ତ୍ର ଭାବେ ପ୍ରଦାନ କରାଯାଇଥିଲା  ଯେ ଯଦି ମିଶ୍ରଣର ଆଦେଶ ଦିଆଯାଇ ନ ଥାନ୍ତା, ତେବେ ନୂଆ କମ୍ପାନୀ ଅର୍ଥାତ ନିଗମ ବିରୋଧରେ  ମକଦ୍ଦମା, ଅଭିଯୋଜନ, ଅପିଲ କିମ୍ବା ଅନ୍ୟାନ୍ୟ ଆଇନଗତ କାର୍ଯ୍ୟାନୁଷ୍ଠାନ ସେହି ଉପାୟରେ ଏବଂ ସେ ପର୍ଯ୍ୟନ୍ତ  ଚାଲୁ ରଖାଯିବ କିମ୍ବା  ମକଦ୍ଦମା ଚଲାଯିବା ଏବଂ ଲାଗୁ କରାଯାଇପାରିବ ଯେମିତିକି ଏହା ବିଘଟିତ କମ୍ପାନୀ ବିରୁଦ୍ଧରେ ଚାଲୁ  ରଖାଯାଇଥାନ୍ତା  କିମ୍ବା  ମକଦ୍ଦମା ଚଲାଯାଇଥାନ୍ତା ଏବଂ ଲାଗୁ କରାଯାଇଥାନ୍ତା । ଅନ୍ୟ ଶବ୍ଦରେ, ଖଣ୍ଡ 7 ଅନୁଯାୟୀ ବର୍ତ୍ତମାନର ବାଦୀଙ୍କ ପରି  ଜଣେ ଦାବିଦାରଙ୍କୁ  ନିଗମ ବିରୁଦ୍ଧରେ ମକଦ୍ଦମାରେ ଅଗ୍ରସର ହେବାକୁ  ଅଧିକାର ଦିଆଯାଇଥିଲା । ଖଣ୍ଡ 7ର ଶବ୍ଦାବଳୀରେ, ନିଗମକୁ ମକଦ୍ଦମାରେ ଜଣେ ପ୍ରତିବାଦୀ ଭାବେ ପକ୍ଷଭୁକ୍ତ କରିବା ଏବଂ ଅଗ୍ରସର ହେବାକୁ ବାଦୀଙ୍କ ଉପରେ ଏକ ଦାୟିତ୍ୱ ନ୍ୟସ୍ତ କରାଯାଇଥିଲା । ଏହା ଧ୍ୟାନ ଦିଆଯାଇପାରେ ଯେ ପ୍ରାସଙ୍ଗିକ ସମୟରେ, ମକଦ୍ଦମାଟି ନ୍ୟାୟାଳୟରେ ଅନୁପସ୍ଥିତି ପାଇଁ ଖାରଜ ହୋଇଯାଇଥିଲା ଏବଂ ଯଦିଓ ମକଦ୍ଦମାର ପୁନଃପ୍ରତିଷ୍ଠାପାଇଁ ବିଚାରାଧୀନ ଥିଲା, ମକଦ୍ଦମାଟି ପୁନଃପ୍ରତିଷ୍ଠା ହୋଇନଥିଲା । ମିଶ୍ରଣ ହେବା ପରେ ମକଦ୍ଦମାର ପୁନଃପ୍ରତିଷ୍ଠା ହୋଇଥିଲା  ଏବଂ ଏହାର ପରିଣାମ ପାଳନ କରାଯାଇଥିଲା । ମିଶ୍ରଣ ଆଦେଶର ସର୍ତ୍ତାବଳୀ ଅନୁଯାୟୀ, ପୁନପ୍ରତିଷ୍ଠା ପାଇଁ ମକଦ୍ଦମା ସହ ଅଗ୍ରସର ହେବା ଏବଂ ସେହି ସମ୍ପର୍କରେ ଉପଯୁକ୍ତ ପଦକ୍ଷେପ ନେଇ ନିଗମ ବିରୁଦ୍ଧରେ  ଆବେଦନ ଦାଖଲ  କରିବା ବାଦୀଙ୍କ ଅଧିକାର ଥିଲା । ଆମେ ଏହା

ମଧ୍ଯ ଧ୍ୟାନ ଦେବା ଉଚିତ ଯେ ମିଶ୍ରଣ ଆଦେଶର ପ୍ରଖ୍ୟାପନ ତଥ୍ୟକୁ ନ୍ୟାୟାଳୟଙ୍କ ଦୃଷ୍ଟିକୁ ଆଣିବା  ପ୍ରତିବାଦୀ ଏବଂ ତାଙ୍କର ଅଧିବକ୍ତାଙ୍କ ସାଧାରଣ କର୍ତ୍ତବ୍ୟ ଥିଲା, ଯାହା ଦ୍ଵାରା ନ୍ୟାୟାଳୟ ତାଙ୍କ ସମ୍ମୁଖରେ କରିଥିବା କାର୍ଯ୍ୟାନୁଷ୍ଠାନରେ  ଉପଯୁକ୍ତ ଆଦେଶ ପାରିତ କରିବାକୁ ସକ୍ଷମ ହେବେ । ତଥାପି, ପ୍ରାସଙ୍ଗିକ ସମୟରେ ଆବଶ୍ୟକ ପଦକ୍ଷେପ ନ ନେବା ବାଦୀଙ୍କ ପାଇଁ ଏହା କେବଳ  ଗୋଟିଏ  କାରଣ ହୋଇପାରେ । ମିଶ୍ରଣ  ଆଦେଶର  ଅନୁସାରେ, ଆମେ  ମତ  ରଖିଛୁ  ଯେ  ବାଦୀ  ଏହାର ମକଦ୍ଦମାରେ ଆଗକୁ ବଢିବା ଆଗରୁ ଏବଂ  ନିଜ ସପକ୍ଷରେ  ଏକ  ଫଇସଲା ଆଣିବା  ପୂର୍ବରୁ  ନିଗମ  ଏବଂ  ରାଜ୍ୟ ସରକାରଙ୍କୁ ନଥିଭୁକ୍ତ କରିବା ଆବଶ୍ୟକ ଥିଲା । ମିଶ୍ରଣ ଆଦେଶର ନିବନ୍ଧନଗୁଡ଼ିକ କାର୍ଯ୍ୟକରୀ ନ୍ୟାୟଳୟ ଏବଂ ଉଚ୍ଚ ନ୍ୟାୟାଳୟଙ୍କ  ଦ୍ଵାରା ସଠିକ ଭାବରେ ତର୍ଜମା କରାଯାଇନାହିଁ ଯେତେବେଳେ ସେମାନେ ବାଦୀଙ୍କୁ ନିଗମ ଏବଂ ଓଡ଼ିଶା ରାଜ୍ୟ ବିରୁଦ୍ଧରେ  କାର୍ଯ୍ୟକାରିତା ଉପରେ ବିଚାର କରିବା ପାଇଁ ଅନୁମତି ଦେଇଥିଲେ ।

ତେଣୁ, ଆମର ମତ ହେଉଛି ଯେ ମିଶ୍ରଣ ଆଦେଶ ସର୍ତ୍ତାବଳୀ ଅନୁସାରେ ବାଦୀଙ୍କ ପାଇଁ ଡିକ୍ରି ପୂର୍ବରୁ ନିଗମ ଏବଂ ରାଜ୍ୟ ସରକାରଙ୍କୁ ମକଦ୍ଦମାରେ ପକ୍ଷଭୁକ୍ତ କରିବା ଉଚିତ ଥିଲା ।  ଆବେଦନକାରୀଙ୍କ ପାଇଁ ବିଜ୍ଞ ଅଧିବକ୍ତା ଉପସ୍ଥାପନ କରି ଥିଲେ ଯେ ଆବେଦନକାରୀ କେବଳ ପ୍ରତିବାଦୀଙ୍କ ଦ୍ଵାରା ଦାଖଲ ହୋଇଥିବା ବର୍ଣ୍ଣନା ପତ୍ରରେ ଗ୍ରହଣ କରାଯାଇଥିବା ଆଭିମୁଖ୍ୟ ସହିତ ସୁସଂଗତ ପ୍ରତିପକ୍ଷ ମକଦ୍ଦମା ଚଳାଇବାକୁ ଏକ ସୁଯୋଗ ଚାହୁଁଥିଲେ ଯାହା କି କୌଣସି ଅତିରିକ୍ତ ଆବେଦନ ଆଧାରରେ   ଥିଲା ଯାହା ଆବେଦନକାରୀଙ୍କ ଦ୍ଵାରା ଉଠାଯିବା ପାଇଁ ଉପଲବ୍ଧ ହୋଇପାରେ । ଆମେ ଭାବୁଛୁ ଯେ ଏହି ମାମଲାର ତଥ୍ୟ ଏବଂ ପରିସ୍ଥିତିରେ, ବିଶେଷ କରି ମିଶ୍ରଣ ଆଦେଶ, 1991ର  ପ୍ରାସଙ୍ଗିକ ଖଣ୍ଡକୁ ଦୃଷ୍ଟିରେ ରଖି ଏହି ଆବେଦନରେ ଆକ୍ଷେପିତ ଆଦେଶକୁ ରଦ୍ଦ କରି ଏବଂ ଏକ-ପକ୍ଷୀୟ  ଫଇସଲାକୁ ଖାରଜ କରି ଏବଂ ମକଦ୍ଦମାକୁ ପୁନର୍ଜୀବିତ କରି ଏବଂ ବିଚାର କରୁଥିବା ନ୍ୟାୟାଳୟଙ୍କୁ ନିର୍ଦ୍ଦେଶ ଦେଇ, ଯେହେତୁ ରାଜ୍ୟ ପରବର୍ତ୍ତୀ ସମୟରେ ଟିସ୍କୋକୁ ସମ୍ପତ୍ତି ବିକ୍ରି କରିଥିଲା ନିଗମ, ଓଡ଼ିଶା ସରକାର ଏବଂ ଟିସ୍କୋକୁ ପକ୍ଷଭୁକ୍ତ କରିବା ପରେ  ଆଇନ ଅନୁଯାୟୀ ଏହାକୁ ନୂତନ ଭାବରେ ସମାଧାନ କରିବାକୁ ନିର୍ଦ୍ଦେଶ ଦେଇ, ଏବଂ ନୂତନଭାବେ ଜଡ଼ିତ ପ୍ରତିବାଦୀମାନଙ୍କୁ ପ୍ରତିବାଦୀଙ୍କ ଦ୍ଵାରା ପୂର୍ବରୁ ଦାଖଲ ହୋଇଥିବା ବର୍ଣ୍ଣନା ପତ୍ର ସହିତ ଅସଙ୍ଗତ ନଥିବା ସେମାନଙ୍କର ବର୍ଣ୍ଣନା ପତ୍ରଗୁଡ଼ିକ ଦାଖଲ କରିବାକୁ ଏକ ସୁଯୋଗ ଦେବାପରେ ନ୍ୟାୟର ହିତରେ ପାରିତ ହେବାକୁ ଥିବା ଉପଯୁକ୍ତ ଆଦେଶ ହେଉଛି ପ୍ରତିପକ୍ଷ ମକଦ୍ଦମା ଚଳାଇବାକୁ ଏକ ସୁଯୋଗ ଦେବା ପାଇଁ ଆବେଦନକାରୀଙ୍କୁ ଆବେଦନରେ ସମ୍ମିଳିତ କରିବା ଏବଂ ନୂତନ ଭାବେ ଜଡ଼ିତ ପ୍ରତିବାଦୀମାନଙ୍କୁ ଏପରି ସୁଯୋଗ ଦେବା ପରେ ନ୍ୟାୟାଳୟ ଆଇନ ଅନୁଯାୟୀ ମକଦ୍ଦମାର ବିଚାର ଏବଂ ଫଇସଲା କରିବାକୁ ଅଗ୍ରସର ହୋଇପାରିବେ।

ତେଣୁ ଆମେ ଏହି ଆବେଦନକୁ ଅନୁମତି ଦେଉଛୁ । ଆବେଦନକାରୀଙ୍କ ଦ୍ଵାରା ଉଠାଯାଇଥିବା ଆପତ୍ତି ଉପରେ ଆମେ କାର୍ଯ୍ୟକାରୀ ନ୍ୟାୟାଳୟ ଏବଂ ଉଚ୍ଚ  ନ୍ୟାୟାଳୟର ଆଦେଶକୁ ରଦ୍ଦ କରୁଛୁ । ଆମେ  କାର୍ଯ୍ୟକାରୀ ଆବେଦନକୁ ବନ୍ଦ କରୁଛୁ । ନ୍ୟାୟର ହିତ ପାଇଁ  ଦେୱାନୀ  ବିଚାରପତି ବରିଷ୍ଠ ଡିଭିଜନ  ଭୁବନେଶ୍ୱରଙ୍କ  ନଥିରେ ଥିବା   ଅର୍ଥ ମକଦ୍ଦମା ସଂଖ୍ୟା 491/1986 ରେ ଏକ ତରଫା ଡିକ୍ରୀକୁ ରଦ୍ଦ କରୁଛୁ ଏବଂ ଉପରୋକ୍ତରେ ସୂଚିତ ଭଳି ନୂତନ ବିଚାର ଏବଂ ସମାଧାନ ପାଇଁ ଭୁବନେଶ୍ୱରର ଅଧସ୍ତନ ବିଚାରପତିଙ୍କ ନ୍ୟାୟାଳୟକୁ ସେହି ମକଦ୍ଦମାକୁ  ପୁନଃପ୍ରେରଣରେ କରୁଛୁ । ପକ୍ଷମାନେ 14.12.2004 ରେ ସେହି ନ୍ୟାୟାଳୟ ହାଜର ହେବେ ଏବଂ ମକଦ୍ଦମାର ନୂତନ ତାରିଖ ସମ୍ବନ୍ଧରେ ପରବର୍ତ୍ତୀ ନିର୍ଦ୍ଦେଶ ନେବେ । ଆବେଦନକାରୀଙ୍କ ପାଇଁ  ବିଜ୍ଞ  ବରିଷ୍ଠ ଅଧିବକ୍ତା ଆମ ସମ୍ମୁଖରେ ଉପସ୍ଥାପନ କରିଛନ୍ତି  ଯେ ନିଗମ ଏବଂ ଓଡ଼ିଶା

ସରକାର ଉପସ୍ଥିତି ହେବେ । ବିଚାର କରୁଥିବା ନ୍ୟାୟାଳୟ ବାଦୀଙ୍କୁ ଟିସ୍କୋ ଏବଂ ନିଗମ ଆଉ ମଧ୍ୟ ଓଡ଼ିଶା ସରକାରଙ୍କୁ ମଧ୍ୟ ଡାକରା ପଠାଇବାକୁ ନିର୍ଦ୍ଦେଶ ଦେବେ ଯଦି ସେମାନେ 14.12.2004 ରେ ହାଜର ନହୁଅନ୍ତି । ଯେହେତୁ ପ୍ରତିବାଦୀ ସଂଖ୍ୟା 1 ପୂର୍ବରୁ ପକ୍ଷଭୁକ୍ତ ଥିଲେ ଏବଂ ମକଦ୍ଦମାରେ ହାଜର ହୋଇଥିଲେ, ଏଥିପାଇଁ କୌଣସି ନୂତନ ସୂଚନା ଆବଶ୍ୟକ ହେବ ନାହିଁ । ଓଡ଼ିଶା ସରକାରଙ୍କ ତରଫରୁ ଆମକୁ ଆଶ୍ୱାସନା ଦିଆଯାଇଛି ଯେ ଏହା ନିର୍ଦ୍ଧାରିତ ତାରିଖରେ ବିଚାର କରୁଥିବା ନ୍ୟାୟାଳୟରେ ହାଜର ହେବେ । ନିଗମ ଏବଂ ଓଡ଼ିଶା ସରକାରଙ୍କ ଉପସ୍ଥିତି ପରେ କିମ୍ବା ସେମାନଙ୍କୁ ଏବଂ ଟିସ୍କୋକୁ ଡକରା ଜାରି ପରେ, ବିଚାର କରୁଥିବା ନ୍ୟାୟାଳୟ ମକଦ୍ଦମା ସହିତ ଆଗକୁ ବଢ଼ିବେ ଏବଂ ଆଇନ ଅନୁଯାୟୀ ଏବଂ ଉପରୋକ୍ତ ନିର୍ଦ୍ଦେଶଗୁଡ଼ିକରର ଆଲୋକପାତରେ ମକଦ୍ଦମାର ସମାଧାନ କରିବେ |

ପକ୍ଷମାନଙ୍କୁ ନିଜ ନିଜ ଖର୍ଚ୍ଚ ବହନ କରିବାକୁ ନିର୍ଦ୍ଦେଶ ଦିଆଯାଉଛି ।

ଏସ୍.କେ.ଏସ୍. ଆବେଦନକୁ ଅନୁମତି ଦିଆଗଲା ।

**<u>ଅସ୍ବୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦକ**
**ସୌମ୍ୟରଂଜନ ବେହେରା,**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ ।**